# ତହସିଲ କାର୍ଯ୍ୟାଳୟ,କନିକା

ଜିଲ୍ଲା-କେନ୍ଦ୍ରାପଡା

**ସର୍ବସାଧାରଣ ଇସ୍ତିହାର**

**ପତ୍ରାଙ୍କ ନଂ** ୬୧୦୪ //ତା ୧୮.୧୨.୨୦୨୫//

**ଡି-ରିଜର୍ଭେସନ(De-reservation)କେଶ ନଂ - ୦୧/ ୨୦୨୫-୨୬**

ଏତଦ୍ବାରା ମୌଜା-ବାଘବୁଦା ,ଥାନା- ରାଜକନିକା ,ଜିଲ୍ଲା-କେନ୍ଦ୍ରାପଡ଼ାର ସରକାରୀ ଜମିସମ୍ବନ୍ଧରେ, ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନୋଲ୍ଲେଖିତ ତଫସିଲ ଭୁକ୍ତ ସଂରକ୍ଷିତ ସରକାରୀ ଜମିକୁ ବାଘବୁଦା ୟୁ.ଜି.ୟୁ.ପି ବିଦ୍ୟାଳୟ, ବାଘବୁଦା (ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ,ଓଡିଶା ସରକାର) ପକ୍ଷରେ ପଟ୍ଟାକରଣ କରିବା ସହିତ ବିଦ୍ୟାଳୟ ସମ୍ବନ୍ଧୀୟ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ସୁବିଧା ନିମନ୍ତେ, ଉକ୍ତଜମିକୁ "ରକ୍ଷିତ" ଖାତାରୁ "ଆବାଦ ଯୋଗ୍ୟ ଅନାବାଦି" ଖାତା ଅନ୍ତର୍ଭୁକ୍ତ କରାଇ "ଖେଳପଡ଼ିଆ" କିସମରେ ରେକର୍ଡ ସଂଶୋଧନ କରାଯିବା ପାଇଁ, ଜିଲ୍ଲାପାଳ ମହୋଦୟ ,କେନ୍ଦ୍ରାପଡ଼ାତାଙ୍କ ପତ୍ର ସଂଖ୍ୟା-୪୨୮୭/ରାଜସ୍ବ,ତା. ୦୧-୧୨-୨୦୨୫ (ପ୍ରତିଲିପି ସଂଲଗ୍ନ) ମାଧ୍ୟମରେ ଅନୁମୋଦନ ପ୍ରଦାନ କରିଛନ୍ତି।

ଉକ୍ତ ଆଦେଶାନୁଯାୟୀ, ସଂରକ୍ଷିତ ସରକାରୀ ଜମି"ରକ୍ଷିତ" ଖାତାକୁ ନିମ୍ନୋଲ୍ଲେଖିତ ନୂତନ ସଂଶୋଧନ ତଫସିଲ ଅନୁଯାୟୀ "ଆବାଦ ଯୋଗ୍ୟ ଅନାବାଦି" ଖାତା, କିସମ – "ଖେଳପଡ଼ିଆ"ରେ ସଂଶୋଧିତ କରାଯିବାକୁ ନିର୍ଦ୍ଧାରିତ କରାଯାଇଅଛି ।

ଏଣୁ,ଏହି ବାବଦରେ ଯଦି କାହାର କୌଣସି ଆପତ୍ତି କିମ୍ବା ଅଭିଯୋଗ ରହିଥାଏ, ତେବେ ଇସ୍ତାହାର ଜାରିହେବା ତାରିଖରୁ **୧୫ ଦିନ (ପନ୍ଦର ଦିନ)** ମଧ୍ୟରେ, ଲିଖିତ ଅଭିଯୋଗ ପତ୍ର ସହିତ ସ୍ଵୟଂ ବା ନିଜ ପ୍ରତିନିଧିଙ୍କ ମାଧ୍ୟମରେ, ନିମ୍ନ ସ୍ଵାକ୍ଷରକାରୀଙ୍କ ଅଦାଲତରେ ଉପସ୍ଥିତ ହୋଇ ନିଜ ସପକ୍ଷରେ ଆବଶ୍ୟକୀୟ କାଗଜପତ୍ର ଦର୍ଶାଇବାକୁ ହେବ । ଧାର୍ଯ୍ୟ ସମୟସୀମା ପରେ କୌଣସି ଆପତ୍ତି କିମ୍ବା ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

ଧାର୍ଯ୍ୟ ସମୟସୀମା ଅତିକ୍ରମ ପରେ, ଉକ୍ତ ଜମିକୁ "ଆବାଦ ଯୋଗ୍ୟ ଅନାବାଦି" ଖାତା, କିସମ–"ଖେଳପଡ଼ିଆ" ଭାବେ ରେକର୍ଡ ସଂଶୋଧନ କରାଯିବ।

ଅଦ୍ୟ ଅଦାଲତର ମୋହରଯୁକ୍ତ ସ୍ଵାକ୍ଷର ବିଧିଯୁକ୍ତ ଦିଆଗଲା ।

**ଜମିର ତଫସିଲ**

| ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ ନଂ. | ରକବା | କିସମ |
|---|---|---|---|---|---|
| ବାଘବୁଦା | ରାଜକନିକା ଥାନା ନଂ. -୪୫ | ୨୪୨(ରକ୍ଷିତ) | ୭୦୩ | ଏ ୨.୭୦ | ଖେଳ ପଡିଆ |

**ନୂତନ ସଂଶୋଧନ ତଫସିଲ (ଆଦେଶ ମୁତାବକ )**

| ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ ନଂ. | ରକବା | କିସମ |
|---|---|---|---|---|---|
| ବାଘବୁଦା | ରାଜକନିକା ଥାନା ନଂ. -୪୫ | ୨୪୦ | ୭୦୩/୧୧୫୧ | ଏ ୨.୭୦ | ଖେଳ ପଡିଆ |

ତହସିଲଦାର, କନିକା

ତହସିଲଦାର କନିକା

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କନିକାଙ୍କ ନୋଟିସ ବୋର୍ଡ/ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରାଜକନିକାଙ୍କ ନୋଟିସ ବୋର୍ଡ / ରାଜସ୍ଵ ନିରୀକ୍ଷକ କାର୍ଯ୍ୟାଳୟ, କଣ୍ଟପଡାଙ୍କ ନୋଟିସ ବୋର୍ଡ / ରାଜସ୍ଵ ନିରୀକ୍ଷକ କାର୍ଯ୍ୟାଳୟ, ବରାଡିଆଙ୍କ ନୋଟିସ ବୋର୍ଡ /ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ବାଘବୁଦାଙ୍କ ନୋଟିସ ବୋର୍ଡ/ ବାଘବୁଦା ଗ୍ରାମର ଦୃଶ୍ୟମାନ ସ୍ଥାନରେ, ସ୍ଥାନୀୟ ଅନ୍ୟୁନ ଦୁଇ ଜଣ ବ୍ୟକ୍ତିଙ୍କ ଉପସ୍ଥିତିରେ ଇସ୍ତିହାର ଲଟକାଇବା / ଜିଲ୍ଲାୱେବ ପୋର୍ଟାଲରେ (https://kendrapara.odisha.gov.in) ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରିବା ପାଇଁ ପଠାଗଲା ।

ତହସିଲଦାର, କନିକା

ତହସିଲଦାର କନିକା